● ମାନସିକବିକୃତ ଯୁବତୀ ଗର୍ଭବତୀ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

ରମ୍ଭା, ୨୮ ।୩(ସମିସ): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମାନସିକ ବିକୃତ ଯୁବତୀ ୬ ମାସର ଗର୍ଭବତୀ ହେବା ଘଟଣାରେ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ଚିତ୍ରସେନ ପ୍ରଧାନକୁ ପୁଲିସ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଛି। କିଛିଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜନୈକ ଶିକ୍ଷକ ଶେଷଦେବ ପ୍ରଧାନକୁ ପୁଲିସ କୋର୍ଟ ଚାଲାଣ କରିଥିଲା। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏନେଇ ପୀଡିତାଙ୍କ ଦାଦା ପୁଅ ଭାଇ ହୁମା ଫାଣ୍ଡିରେ ଦୁଇ ଜଣଙ୍କ ନାଁରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି ତଦନ୍ତ କରାଯାଇଥିବା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ ସୂଚନା ଦେଇଥିଲେ।

ପୂର୍ବରୁ ବ୍ରହ୍ମପୁରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛି ହୁମା ଫାଣ୍ଡି ପୁଲିସ। ଅନ୍ୟପଟେ ରମ୍ଭା ଥାନା ଆଇଆଇସି କୁମାର ମୃଦୁଳି ମଧ ପୀଡିତାଙ୍କ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ କହିବା ଅନୁସାରେ ସ୍କୁଲ ଶିକ୍ଷକ ଜଣକ ପୀଡ଼ିତାଙ୍କ ଗର୍ଭପାତ କରାଇବାକୁ ମେଡିକାଲ ନେଇଥିଲେ। ସେଠାରେ ପୀଡିତାଙ୍କ ସ୍ୱାମୀ କିଏ ବୋଲି ମେଡିକାଲ କର୍ତ୍ତୃପକ୍ଷ ପଚାରିବା ପରେ ଶିକ୍ଷକ ଜଣକ ହଡ଼ବଡେଇ ଯିବା ସହ ଚାଲି ଆସିଥିଲେ। ଘଟଣା ପ୍ରଘଟ ପରେ ଗ୍ରାମବାସୀଙ୍କ ପକ୍ଷରୁ ବୈଠକ ଡକାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ବୈଠକକୁ ନଆସିବା ପରେ ମାମଲା ପହଞ୍ଚି ଥିଲା ହୁମା ଫାଣ୍ଡିରେ। ଗ୍ରାମବାସୀ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ପୀଡ଼ିତାଙ୍କ ବାପା-ମା' ନଥିବାବେଳେ ନିଜ ଦାଦାପୁଅ ଭାଇ ଏତଲା ଦେଇଥିଲେ।

ପ୍ରକାଶ ଯେ, ସେହି ଗ୍ରାମର ଜଣେ ଯୁବକ ଏହି ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ଯୁବତୀ ଜଣକ କଥା କହିପାରୁନଥିବାରୁ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ମଧ ଏହାର ଫାଇଦା ଉଠାଇ ଶାରିରୀକ ସମ୍ପର୍କ ରଖିଥିଲେ।

ଦୁଇ ଜଣିଆ ଅନ୍ତଃରାଜ୍ୟ ଚୋର ଗ୍ୟାଙ୍ଗ ଗିରଫ

## ଗୁଗୁଲ ମ୍ୟାପ୍‌ରେ ସର୍ଚ୍ଚ ପରେ କରୁଥିଲେ ଟାର୍ଗେଟ୍

ଛତ୍ରପୁର, ୨୮ ।୩(ସମିସ)



ପ୍ରଥମେ ଗୁଗୁଲ୍ ମ୍ୟାପରେ ସର୍ଚ୍ଚ କରୁଥିଲେ ବିଭିନ୍ନ ମନ୍ଦିରର ସ୍ଥିତାବସ୍ଥା ଓ ପରେ ସେଠାରେ ଟାର୍ଗେଟ କରୁଥିଲେ। ଏଭଳି ଦୁଇ ଜଣିଆ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ଚମାଖଣ୍ଡି ଥାନା ପୁଲିସ। ଏହାସହିତ ମାଣ୍ଡିଆପଲ୍ଲୀ ସ୍ଥିତ ଶିରିଡ଼ି ସାଇବାବା ମନ୍ଦିରରୁ ଚୋରି ଘଟଣାରେ ଏହି ଗ୍ୟାଙ୍ଗ ସାମିଲ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଜୁରାଟର ଓନିୟା ଆନ୍ନାରାମ ଓ ରାଜସ୍ଥାନର ଉତ୍ତମ ସିଂ। ସେମାନଙ୍କ ଠାରୁ ଚୋରି ରୁପା ପାଦୁକା, ସିଂହାସନ ସମୁଦାୟ ୬. ୯୬୪ କିଲୋ ରୁପା, କପରେରେ ନିର୍ମିତ ସାଇବାବାଙ୍କ ପ୍ରତିମୂର୍ତ୍ତି, ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି।

ପ୍ରଥମେ ଗ୍ୟାଙ୍ଗର ୪ଜଣ ୧୯ ତାରିଖରେ ମାଣ୍ଡିଆପଲ୍ଲୀ ସ୍ଥିତ ଶିରିଡ଼ି ସାଇ ମନ୍ଦିରକୁ ଯାଇ ଲୁଟ ନିମନ୍ତେ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଏହାପରେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଫେରିବା ପରେ ଗତ ୨୧ ତାରିଖ ବିଳମ୍ବିତ ରାତିରେ ମନ୍ଦିରରୁ ରୁପା ପାଦୁକା ସମେତ ସାଇବାବାଙ୍କ ପ୍ରତିମୂର୍ତ୍ତି ଓ ଅଳଙ୍କାର ଚୋରି କରି ନେଇଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗତ ୨୨ ତାରିଖ ଦିନ ବୈଜୟନ୍ତୀ ମିଶ୍ର ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ଏସ୍‌ଡିପିଓ ଏବଂ ଚମାଖଣ୍ଡି ଥାନା ଅଧିକାରୀ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା।

ଏହି ଟିମ ସିସିଟିଭି ଫୁଟେଜ ସହ ବିଭିନ୍ନ ପାରିପାର୍ଶ୍ୱିକ ସ୍ଥିତିକୁ ଆଧାର କରି ବ୍ରହ୍ମପୁର ରେଳଷ୍ଟେସନରୁ ଦୁଇ ଜଣିଆ ଅନ୍ତଃରାଜ୍ୟ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ଅପରପକ୍ଷେ ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ଜଣ ଫେରାର ଥିବା ନେଇ ଛତ୍ରପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି।

## ଯୁବତୀଙ୍କ ମୃତଦେହ ଜବତ

● ବଜ୍ରପାତରେ ମୃତ୍ୟୁ ସନ୍ଦେହ

ଦିଗପହଣ୍ଡି, ୨୮ ।୩(ସମିସ): ଦିଗପହଣ୍ଡି ପୁଲିସ ଶନିବାର ଚାଞ୍ଚଡାପଲ୍ଲୀ ଗ୍ରାମର ବାପିନି ଗୌଡ଼ଙ୍କ କନ୍ୟା ରେଶ୍ମା ଗୌଡ଼(୨୩)ଙ୍କ ମୃତଦେହ ବ୍ରହ୍ମପୁର ବଡ଼ଡାକ୍ତରଖାନାରୁ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୧୬/୨୬ ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାମାନ୍ୟ ମସ୍ତିଷ୍କ ବିକୃତି ଥିବା ରେଶ୍ମା ଶୁକ୍ରବାର ଘରୁ ନିଖୋଜ ହୋଇଯାଇଥିଲେ। ଦିଗପହଣ୍ଡି-ଆସିକା ରାସ୍ତା ମୁକ୍ତେଶ୍ୱର ଶୈବପୀଠ ନିକଟରେ ଥିବାବେଳେ ଅପରାହ୍ଣରେ ବଜ୍ରପାତ ହେବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଏତଲା ପରେ ଆଇଆଇସି କିଶୋର କୁମାର ସାମଲ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

## ହୋଣ୍ଡା ଆକ୍ଟିଭା ଚୋରି ଅଭିଯୋଗ

ଦିଗପହଣ୍ଡି, ୨୮ ।୩(ସମିସ): ଦିଗପହଣ୍ଡି ମେନ୍‌ରୋଡ କଡ଼ରେ ଥିବା ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟ ସମ୍ମୁଖରୁ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ବିଚିତ୍ର ସ୍ୱାଇଁଙ୍କ ହୋଣ୍ଡା ଆକ୍ଟିଭା (ନଂ.ଓଡ଼ି୦୭ ଏଏଲ -୮୨୮୯) କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗୁରୁବାର ଅପରାହ୍ଣରେ ବିଚିତ୍ର ସ୍କୁଟି ରଖି ବୀମା କାର୍ଯ୍ୟାଳୟକୁ ଯାଇ ଫେରିବା ପରେ ଚୋରି ହୋଇ ଯାଇଥିବା ଜାଣିବାକୁ ପାଇଥିଲେ।

● ପୋଲସରା ମେଡିକାଲରେ ପ୍ରଥମ

## ଅସ୍ତ୍ରୋପଚାର କରି ସନ୍ତାନ ପ୍ରସବ

ପୋଲସରା, ୨୮ ।୩(ସମିସ): ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମ ଥର ପାଇଁ ଅସ୍ତ୍ରୋପଚାର କରି ସନ୍ତାନ ପ୍ରସବ କରାଯାଇଛି। ଅଞ୍ଚଳର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବା ସହ ଅବସ୍ଥା ଗୁରୁତର ଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଉପସ୍ଥିତ ଡାକ୍ତର ଓ ତାଙ୍କର ସହକର୍ମୀ ସଠିକ୍ ସମୟରେ ଅସ୍ତ୍ରୋପଚାର କରି ସନ୍ତାନ ପ୍ରସବ କରାଇଥିଲେ। ଉଭୟ ମା' ଓ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥଥିବା ଜେଣାପଡ଼ିଛି। ଏଥିରେ ଡାକ୍ତର ସ୍ୱାଗତ ବେହେରା, ଡା଼.ଅଜୟ ଦାସ, ଡ଼ା.ଭାରତ ରମେଶ ଚନ୍ଦ୍ର, ଡ଼. ତ୍ରିଦେବେଶ ଶତପଥୀଙ୍କ ସହ ଷ୍ଟାଫନର୍ସ ବବିତା ମଣ୍ଡଳ ଓ ଆଟେଣ୍ଡାଣ୍ଟ ଗଣପତି ଖଣ୍ଡୁଆଳଙ୍କ ପ୍ରମୁଖ ଭୂମିକା ରହିଥିଲା।

## ଦୁର୍ଘଟଣାଗ୍ରସ୍ତ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ରମ୍ଭା, ୨୮ ।୩(ସମିସ): ଲକ୍ଷ୍ମୀପୁର ଗ୍ରାମର ଜଣେ ଉଚ୍ଚ ଶିକ୍ଷିତ ମତ୍ସ୍ୟଜୀବୀ ଗୋପୀନାଥ ବେହେରା ମାଛମାରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ହଠାତ ଦିନେ ଚିଲିକାକୁ ମାଛ ମାରିବାକୁ ଯାଇଥିବାବେଳେ ଡଙ୍ଗାରୁ ପଡ଼ି ଆହତ ହୋଇଥିଲେ। ଦୀର୍ଘଦିନ ଧରି ମେଡିକାଲରେ ଚିକିତ୍ସା ଚାଲିଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଛୋଟପୁଅ ଓ ବିଧବା ସ୍ତ୍ରୀ କିପରି ବଞ୍ଚିବେ ସେନେଇ ବଡଭାଇ ତ୍ରିଲୋଚନ ବେହେରା, ମହେଶ୍ୱର ବେହେରା ଓ ପରିବାରବର୍ଗ ଚିନ୍ତାରେ। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଫିସ୍କେଡ ସଦସ୍ୟ ସେନାପତି ବେହେରା ସାଥି କୃଷ୍ଣଚନ୍ଦ୍ର ବେହେରା, ହରେକୃଷ୍ଣ ମଲିକ, ଅଭିରାମ କାର୍ଜି, ବିମ୍ବାଧର ବେହେରା, କେଦାର ନାହାକ, ସୁରଜ ସ୍ୱାଇଁ, ବିକାଶ ନାହାକ, ବସନ୍ତ ବେହେରା, ନିରଞ୍ଜନ ବେହେରା, ରମେଶ ବେହେରା ଅନ୍ୟାନ୍ୟ ସାଙ୍ଗସାଥି ସମେତ ଭାଇ, ଭଉଣୀ ଓ ବନ୍ଧୁବର୍ଗ ଉପସ୍ଥିତ ରହି ସମବେଦନା ଜଣାଇଥିଲେ।

## ସାହାରା ନର୍ସିଂହୋମ୍ ମାଲିକ ଗିରଫ

ସାନଖେମୁଣ୍ଡି, ୨୮ ।୩(ସମିସ): ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତାରେ ଥିବା ଘରୋଇ ସାହାରା ନର୍ସିଂହୋମକୁ ପୁଣି ଥରେ ସିଲ୍ କରାଯାଇବେଳେ ଏହାର ମାଲିକ ମଙ୍ଗୁଲୁ ଚରଣ ପ୍ରଧାନ (୩୬) କୁ ପୁଲିସ ଅଟକ ରଖିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।



ସୂଚନା ମୁତାବକ, ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ସାହାରା ନର୍ସିଂ ହୋମ ବନ୍ଦ କରିବାକୁ ନିର୍ଦ୍ଦେଶ ସତ୍ତ୍ୱେ ମାଲିକ ତାଙ୍କର ନର୍ସିଂହୋମ କାର୍ଯ୍ୟକଳାପ ଜାରି ରଖିଥିବା ଖବର ପାଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଆଇଆଇସି କିଶୋର କୁମାର ସାମଲ ଏବଂ ମେଡିକାଲ ଟିମ୍‌ଙ୍କ ଉପସ୍ଥିତିରେ ଏହାକୁ ପୁନର୍ବାର ସିଲ କରିବା ସହ ଅପରେସନ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ସାମଗ୍ରୀକୁ ଜବତ କରି ଥାନାକୁ ନେଇଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ନର୍ସିଂହୋମରେ ଡାକ୍ତରମାନଙ୍କୁ ପୁନଃନିଯୁକ୍ତ କରି ରୋଗୀମାନଙ୍କୁ କୌଣସି ଆଇନଗତ ଡାକ୍ତରୀ ବିନା ଚିକିତ୍ସା କରୁଛନ୍ତି। ନର୍ସିଂ ହୋମର କୌଣସି ଆଇନଗତ ପଞ୍ଜିକରଣ କିମ୍ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ଅନୁମୋଦନ ନଥିବାରୁ ଏହା ଆବଶ୍ୟକତା ଥିବା ରୋଗୀଙ୍କ ଜୀବନ ପାଇଁ ବିପଦପୂର୍ଣ୍ଣ କାରଣ। ତେଣୁ ଉପରେ ଉଲ୍ଲେଖ କରାଯାଇଥିବା ସମସ୍ତ କ୍ଲିନିକାଲ୍ ଉପକରଣ ଜବତ କରାଯାଇ ମାଲିକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଆନ୍ଧ୍ରର ୩୦ ବିଡିଓଙ୍କ ମୁନିସିପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଛତ୍ରପୁର, ୨୮ ।୩(ସମିସ): ଛତ୍ରପୁର ବ୍ଲକ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆନ୍ଧ୍ରପ୍ରଦେଶର ୩୦ ଜଣିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିଦର୍ଶନ କରିଛନ୍ତି। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରୁ ମୁଖ୍ୟ ପରିଚାଳନା ଦାୟିତ୍ୱରେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନ୍ୟାନ୍ୟ ପରିଦଷ୍ଟା ପାଇଁ ଡାକ୍ତର ସ୍ୱାଧୀନ ରଥ, ବ୍ଲକ ପବ୍ଲିକ୍ ହେଲଥଅଫିସର, ଏସଏଆରଡ଼ିରୁ ଆସିଥିବା ଭୁବନେଶ୍ୱର ଅଫିସିଆଲ୍ ଷ୍ଟାଫ୍ ତାହା ସହିତ ଗ୍ରାମ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତସଭ୍ୟ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୋଟଲାମପୁର ପଞ୍ଚାୟତକୁ ଜାତୀୟସ୍ତରରେ ସୁସ୍ଥ ପଞ୍ଚାୟତ ରୂପରେ ବିବେଚିତ ହୋଇଥିବା କାରଣରୁ ତାଙ୍କ ପରିଦର୍ଶନରେ ସମସ୍ତ କର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଉପରଲିଖିତ ପରିଦର୍ଶକ ଉପରେ ଡ଼ା. ରଥ ନିଜର ସମୂହ ବିବରଣୀ ପ୍ରଦାନ କରିଥିଲେ। ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମ ପାଇଁ ଛତ୍ରପୁର ବିଡ଼ିଓ ଶ୍ରୀ ସାହୁ ଏହି ବିଷୟରେ ଆଲୋକପାତ କରିଥିଲେ। ସିଡ଼ିପିଓ ପ୍ରଣମିତା ପଣ୍ଡା, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ନାୟନିକ ପଣ୍ଡା, ଶର୍ମିଷ୍ଠା ଦାସ, ସୁଚିସ୍ମିତା ବେହେରା ଏବଂ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଅତିଥିମାନେ ତାରାତାରିଣୀ ମନ୍ଦିର ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଥିଲା।



## ବିଶ୍ୱ ନାଟ୍ୟ ଦିବସ ପାଳିତ

ଛତ୍ରପୁର, ୨୮ ।୩(ସମିସ): ଛତ୍ରପୁରର ଜଗନ୍ନାଥଡ୍ରାମା କ୍ରିଏସନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ନାଟକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟ ଉପରେ ଅତିଥି ମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ମୁଖ୍ୟବକ୍ତା ରୂପେ ନାଟକ କଳା ସଂଗଠକ ତଥା ମଞ୍ଚ ଉପସ୍ଥାପକ ଅରୁଣ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ଶର୍ମା ଓ ମୃତ୍ୟୁଞ୍ଜୟ ତ୍ରିପାଠୀ, ଅଭିନୟ ନୃତ୍ୟଶିଳ୍ପୀ ରାମେଶ୍ୱର ପଣ୍ଡା, ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ, ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ସଭାପତି କେ.ନାରାୟଣ ରେଡ୍ଡୀ ଯୋଗଦେଇ ନାଟକ ମନରଞ୍ଜନ ସହିତ ଆମକୁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଡ୍ରାମା ନିର୍ଦ୍ଦେଶକ ସୁମନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଅଭିନୟ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ବିନେଶ ସାହୁ, ନୃତ୍ୟ ଶିକ୍ଷକ ଗୌତମ ନାୟକ, ତାନୀୟା ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ତଥା କଳାପ୍ରେମୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଚଳନ୍ତା ଟ୍ରେନ୍‌ରୁ ଡେଇଁ ଯୁବକ ଗୁରୁତର

ଛତ୍ରପୁର, ୨୮ ।୩(ସମିସ): ଚଳନ୍ତା ଟ୍ରେନରୁ ଡେଇଁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦୁଝରର ଗୁଣ୍ଡପୁର ଅଞ୍ଚଳର ବିକ୍ରମ ମୁଣ୍ଡା। ତାଙ୍କର ଗୋଡ଼ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ସେ ବିଶାଖାପାଟଣାରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କୁ ଘରୁ କୌଣସି କାମ ନିମନ୍ତେ ଡାକରା ଆସିଥିଲା। ସେଥିପାଇଁ ସେ ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ଏକ ଟ୍ରେନରେ ଯାଉଥିଲେ। ହଠାତ୍ ଛତ୍ରପୁର ନିକଟରେ ଟ୍ରେନରୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆରପିଏଫ ପୁଲିସ ଚିକିତ୍ସାଳୟରେ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



## ବଡ଼ଗଡ଼ ଥାନାକୁ ଶ୍ରେଷ୍ଠ ଥାନା ମାନ୍ୟତା

ଛତ୍ରପୁର, ୨୮ ।୩(ସମିସ): କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଞ୍ଜାମ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ୨୦୨୫ ବର୍ଷ ପାଇଁ ଓଡ଼ିଶାର ଶ୍ରେଷ୍ଠ ପୁଲିସ ଥାନା ଭାବେ ବିବେଚିତ ହୋଇଛି। ପୁଲିସ ସେବା ଏବଂ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ଥାନା ଗୁଡ଼ିକୁ ଚୟନ କରାଯାଇଥାଏ। କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ବା ପାରାମିଟର ଆଧାରରେ ମିଳିଥାଏ ଏହି ପୁରସ୍କାର। ଶ୍ରେଷ୍ଠ ଥାନା ହେବାପରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସମସ୍ତ କର୍ମଚାରୀ, ଥାନା ଅଧିକାରୀ ଓ ଏସଡିପିଓଙ୍କୁ ଶୁଭେଚ୍ଛା ଜଣାଇଲେ।

## ଅଭିଭାବକଙ୍କୁ ନିମନ୍ତ୍ରଣ କଲେ ବିଧାୟକ

ଛତ୍ରପୁର, ୨୮ ।୩(ସମିସ): ଛତ୍ରପୁର ଏନଏସି ଅଧୀନ ପୁତିଗୋପାଳପୁର ଓ ଷ୍ଟେସନରୋଡ ସ୍ଥିତ କୁନିକୁନି ପିଲାଙ୍କ ଘରକୁ ଯାଇ ବିଦ୍ୟାଳୟରେ ଶିଶୁବାଟିକାରେ ନାମ ଲେଖାଇବାକୁ ନିମନ୍ତ୍ରଣ ପତ୍ର ପରିବାର ବର୍ଗଙ୍କୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସହ ପରିବାର ସହ ଆଲୋଚନା କରିଥିଲେ ଛତ୍ରପୁର ବିଧାୟକ। ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବରେ ଗୁଣାତ୍ମକ ପାଠ ପଢ଼ାଯିବ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ସେ। ଏହି ନିମନ୍ତ୍ରଣ ପତ୍ର ପ୍ରଦାନ ବେଳେ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, କାଉନସିଲର ଟି. ଗଣେଷ ରେଡ୍ଡୀ, ଅମରେଶ ମହାରଣା, ମାମା ସେଠୀ, ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି ଓ ଏମ. ଅରୁନ୍ଧତୀ ରେଡ୍ଡୀ, ସିଆରସିସି ଆଲୋକ କୁମାର ସେଠୀ ଓ ଯୁବ ନେତା ବନୋଜ ନାହାକଙ୍କ ସମେତ ଶିକ୍ଷକ / ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।



## ଚନ୍ଦନ ଯାତ୍ରା ଲାଗି ଉଠିଲା ଶୁଭଖୁଣ୍ଟି

ଗଞ୍ଜାମ, ୨୮ ।୩(ସମିସ): ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୧ନଂ ୱାର୍ଡରେ ବିଜେ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ପୀଠରେ ଆସନ୍ତା ମାସ ୨୦ ତାରିଖ ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ଐତିହାସିକ ଚନ୍ଦନ ଯାତ୍ରା। ଏହିଯାତ୍ରା ଏପ୍ରିଲ ୨୦ରୁ ଆରମ୍ଭ ହୋଇ ମେ' ୧୦ ପର୍ଯ୍ୟନ୍ତ ଅର୍ଥାତ ୨୧ ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ପବିତ୍ର ଶ୍ରୀରାମ ନବମୀ ଅବସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ସନ୍ତୋଷ ଆଚାର୍ଯ୍ୟ, ଜଗନ୍ନାଥ ଆଚାର୍ଯ୍ୟ, ଉପେନ୍ଦ୍ର ଆଚାର୍ଯ୍ୟ, ସୁରେନ୍ଦ୍ର କୁମାର ବାରିକି, ମୟ ବାରିକି, ବିଭୁ ପଲାଇ, ସୋହନ ପଟ୍ଟନାୟକ, ସୋନୁ ଗୌଡ଼, ବାପି ଛଟେଇ ପ୍ରମୁଖ ଉପସ୍ଥିତ ଥିଲେ। ପାଞ୍ଚ ବର୍ଷକୁ ଥରେ ଅନୁଷ୍ଠିତ ଏହି ଚନ୍ଦନ ଯାତ୍ରାକୁ ସାମନ୍ତରା ସାହି ପକ୍ଷରୁ ଆୟୋଜନ କରାଯାଉଥିବା ବେଳେ କରଣ ସାହି ସହଯୋଗରେ ପରିଚାଳନା ହୁଏ। ଯାତ୍ରା ସମୟରେ ରାମଦୋଳି, ମିନା ବଜାର ଖୋଲା ଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଯାତ୍ରା ପରିଚାଳନାକମିଟି ପକ୍ଷରୁ କୁହାଯାଇଛି।

## ଅସ୍ଥାୟୀ ମଣ୍ଡପରେ ମା' ଠାକୁରାଣୀ

ସାନଖେମୁଣ୍ଡି, ୨୮ ।୩(ସମିସ)

ପାଟପୁର ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। ମା' ନିଜ ମନ୍ଦିରରୁ ଅସ୍ଥାୟୀ ମନ୍ଦିରକୁ ଆସିଛନ୍ତି। ବିଳମ୍ବିତ ରାତିରେ ମା'ଙ୍କ ପାରମ୍ପରିକ ଘଟକୁ ମା'ଙ୍କ ଆଜ୍ଞା ପ୍ରକାରେ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଆଣି ସ୍ଥାପନ କରଯାଇଛି। ଅସ୍ଥାୟୀ ମଣ୍ଡପକୁ ଆସିବେ ବୋଲି ଗ୍ରାମରେ ଶୁକ୍ରବାର ସକାଳୁ ଧେଣ୍ଡୁରା ମାଧ୍ୟମରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ପରମ୍ପରା ଅନୁସାରେ ମା'ଙ୍କ ମନ୍ଦିରରୁ ଅସ୍ଥାୟୀ ମନ୍ଦିରକୁ ଆସିବା ଲାଗି ଠାକୁରାଣୀଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଅପରାହ୍ଣରେ ଗ୍ରାମର ମହିଳା ମାନେ ଅସ୍ଥାୟୀ ମଣ୍ଡପରେ ଝୋଟି ଚିତା ପକାଇଥିଲେ। ସନ୍ଧ୍ୟାରେ ମା'ଙ୍କୁ ଆଣିବାକୁ ସ୍ୱତନ୍ତ୍ର ଖଟୁଳିକୁ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ପୁରୋହିତମାନେ ଆସି ଠାକୁରାଣୀଙ୍କୁ ଆଣିବା ଲାଗି ସନ୍ଦେଶ ଦେଇଥିଲେ। ପରେ ମା'ଙ୍କୁ ଆଣିବା ଲାଗି ଅସ୍ଥାୟୀ ମଣ୍ଡପରେ ପ୍ରସ୍ତୁତି ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ପଟୁଆରେ ଯାଇ ମା'ଙ୍କୁ ଅଣାଯାଇଥିଲା। ଠାକୁରାଣୀଙ୍କ ଏହି ପଟୁଆର ଦେଖିବାକୁ ପାଟପୁର ଅଞ୍ଚଳରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଆସନ୍ତା ୨୧ ତାରିଖରେ ମା' ପୁଣି ଗ୍ରାମରେ ପରିକ୍ରମା କରିବା ସହ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।



## ହୋମ୍‌ଗାର୍ଡ ଚୟନରେ ଅନିୟମିତତା ଅଭିଯୋଗ; ଫଳାଫଳ ନେଇ ସ୍ୱଷ୍ଟୀକରଣ

ହୁମ୍ମା, ୨୮ ।୩(ସମିସ): ଗଞ୍ଜାମ ଜିଲ୍ଲା ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାରେ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଯାହା ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ସଂଖ୍ୟା ୧୬୫/ ଏଚଜିଏସ, ତା-୨୬।୩।୨୦୨୬ ଅନୁଯାୟୀ, ରାଜ୍ୟ ହୋମଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନ କ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ଚୟନ କରାଯାଇଥିବା ଏକ ପିଡିଏଫ୍ ଲିଷ୍ଟ ବାହାରିଥିଲା। ଏହି ପିଡିଏଫ୍ ଲିଷ୍ଟ ମେଧା ତାଲିକାର କ୍ରମିକ ସଂଖ୍ୟା-୭୨ରେ ଗଞ୍ଜାମ ଥାନା ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମର ରମେଶ ବେହେରା (ପିତା- ହରି ବେହେରା)ଙ୍କ ନାମ ସ୍ୱଷ୍ଟ ଭାବେ ଉଲ୍ଲେଖ ରହିଥିଲା। ମାତ୍ର ଶୁକ୍ରବାର ଯେତେବେଳେ ରମେଶ ନିଜର ଆବଶ୍ୟକୀୟ ଦଲିଲ ଯାଞ୍ଚ ପାଇଁ କାର୍ଯ୍ୟାଳୟରେ ପହଞ୍ଚିଲେ, ସେଠାରେ ତାଙ୍କୁ ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ରମେଶଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟାଳୟରେ ଉପସ୍ଥିତ ଅଧିକାରୀମାନେ ପ୍ରଥମେ ତାଙ୍କ ନାମ ତାଲିକାରେ ନଥିବା କହିଥିଲେ। ଯେତେବେଳେ ସେ ନିଜେ ଯାଞ୍ଚ କଲେ, ଦେଖିବାକୁ ପାଇଲେ ଯେ ପୂର୍ବରୁ ତାଙ୍କ ନାମ ଥିବା ୭୨ ନମ୍ବର ସ୍ଥାନରେ ଏବେ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମ ରହିଛି। ଏ ସମ୍ପର୍କରେ ସେ ଅଧିକାରୀମାନଙ୍କୁ ପଚାରିବାରୁ, ସେମାନେ ଏହାକୁ ଏକ 'ଟାଇପିଂ ଭୁଲ' ବୋଲି କହି ନିଜ ଦୋଷ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଜଣେ ଗରିବ ପରିବାରର ଯୋଗ୍ୟ ପ୍ରାର୍ଥୀଙ୍କ ନାମକୁ ଏଭଳି ଭାବେ ତାଲିକାରୁ ବାଦ୍ ଦେବା ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ ଭୁଲ୍‌ବଶତଃ ଏଭଳି ହୋଇଥିବା ନେଇ ଗୃହରକ୍ଷୀ ବିଭାଗ ପକ୍ଷରୁ ସ୍ୱଷ୍ଟିକରଣ ଦିଆଯାଇଛି।

# ବିଭିନ୍ନ ଓକିଲ ସଂଘର ନିର୍ବାଚନ








**ଦିଗପହଣ୍ଡି,୨୮ ।୩(ସମିସ):**

**ଛତ୍ରପୁର:** ଛତ୍ରପୁର ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ଏଲ. ଗୋପାଳ ରାଓ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଉପସଭାପତି ପ୍ରଦୀପ କୁମାର ପଲାଇ, ଯୁଗ୍ମ ସମ୍ପାଦକ ଭାବେ ଅପସରା ଜାନ ବିଜୟୀ ହୋଇଛନ୍ତି । ସେହିପରି ଲାଇବ୍ରେରୀ ସେକ୍ରେଟାରୀ ଭାବେ ଏନ. ଗୋପୀ ନର୍ବାଚିତ ହୋଇଛନ୍ତି । ପୂର୍ବରୁ ସହ -ସମ୍ପାଦକ ଭାବେ କେ. ବିଜୟଲକ୍ଷ୍ମୀ ଦେବୀ, କୋଷାଧ୍ୟକ୍ଷ ଭାବେ କେଶବ ବିହାରୀ ନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ମମତା ସେଠି ବିନା ପ୍ରତିଦ୍ୱନ୍ଦ୍ୱିତାରେବିଜୟୀ ହୋଇଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସିଏଚ. ସୂର୍ଯ୍ୟ ନାରାୟଣ ରେ‡ୀ ଦାୟିତ୍ୱ ତୁଲାଇ ଥିବା ବେଳେ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ଦେବେନ୍ଦ୍ର ମିଶ୍ର ଦାୟିତ୍ୱ ତୁଲାଇଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ଓକିଲ ସଂଘର ନିର୍ବାଚନରେ ସଭାପତି ଭାବେ ହୃଦୟ ରଞ୍ଜନ ମେକାପ, ଉପସଭାପତି ଭାବେ ସୁକାନ୍ତ କୁମାର ପ୍ରଧାନ, ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ପଦବୀରେ ରବିଚନ୍ଦ୍ର ଗୌଡ଼ ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସୀମାଞ୍ଚଳ ପ୍ରଧାନ ଅପ୍ରତିଦ୍ୱନ୍ଦୀ ଭାବେ କୋଷାଧ୍ୟକ୍ଷ ପଦବୀରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହ ଏବଂ ସହକାରୀ ନିର୍ବାଚନ ଅଧିକାରୀ ନୀଳ ମାଧବ ରଥ ଜଣାଇଛନ୍ତି । ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା ମାନଙ୍କୁ ସଂଘର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି ।

**କୋଦଳା:** କୋଦଳା ଓକିଲ ସଂଘ ନିର୍ବାଚନରେ ପୁଣିଥରେ ଅପ୍ରତିଦ୍ୱନ୍ଦି ଭାବେ ପୂର୍ଣଚନ୍ଦ୍ର ମିଶ୍ର ସଭାପତି ଭାବେ ନିର୍ବାଚିତ ହେଇଛନ୍ତି । ସେହିପରି ସଂପାଦକଙ୍କୁ ଛାଡି ଅନ୍ୟ ସମସ୍ତେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଅବନୀ ଶଙ୍କର ମିଶ୍ର, ଯୁଗ୍ମ ସମ୍ପାଦକ ଭାସ୍କର ସ୍ୱାଇଁ ଅପ୍ରତିଦ୍ୱନ୍ଦି ହୋଇଥିବା ବେଳେ ସମ୍ପାଦକ ପାଇଁ ଗୋପାଳ କୃଷ୍ଣ ସାହୁ ଓ ସନ୍ୟାସୀ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଏଥିରେ ୪୦ ଜଣ ଭୋଟ ଦେଇଥିବା ବେଳେ ଗୋପାଳ କୃଷ୍ଣ ସାହୁଙ୍କୁ ୩୬ ଓ ସନ୍ୟାସୀଙ୍କ ଖାତାକୁ ୪ଟି ଭୋଟ ଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ବାଳକୃଷ୍ଣ ପଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଆଇନଜୀବୀ ବାମଦେବ ପଣ୍ଡା ଓ ରତିକାନ୍ତ ମହାରଣା ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଉପସଭାପତି ଭାବେ ଦୁର୍ଗାଚରଣ ଦାଶ, ସମ୍ପାଦକ ଭାବେ ରବୀନ୍ଦ୍ର କୁମାର ସାହୁ, ସହସମ୍ପାଦକ ଭାବେ ରାମଚନ୍ଦ୍ର ଆଚାର୍ଯ୍ୟ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହାକୁ ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ କୁମାର ବେହେରା ରହି ନିର୍ବାଚନକୁ ପରିଚାଳନା କରିଥିଲେ ।





**ଆସିକା:** ଆସିକା ଓକିଲ ସଙ୍ଘ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଛବିଳ ରାମ ମିଶ୍ର ସଭାପତି, ଉପସଭାପତି ଜି. ସୂର୍ଯ୍ୟ ପ୍ରକାଶ ରାଓ, ସମ୍ପାଦକ ଭାବେ ଚିତ୍ତ ରଞ୍ଜନ ଦାସ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ କୋଷାଧ୍ୟକ୍ଷ ଭାବେ ରାଘବ ନାହାକ, ଯୁଗ୍ମ ସମ୍ପାଦକ ଭାବେ ଅଜିତ କୁମାର ମୁନି, ଲାଇବ୍ରେରୀ ସମ୍ପାଦକ ରୂପେ ସୀମାଞ୍ଚଳ ସେଠୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରତିନିଧି ମାନଙ୍କୁ ବରିଷ୍ଠ ଆଇନଜୀବୀ ଅଜିତ ଚୌଧୁରୀ, ସଞ୍ଜୟ ପାତ୍ର, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଶିବ ପାତ୍ର, ମହେନ୍ଦ୍ର ସ୍ୱାଇଁ, ଯୁବ ଆଇନଜୀବୀ ଭି.ଖୋକନ ରାଓ, ଶିବ ଶଙ୍କର ପାତ୍ର,ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପାତ୍ର, ମାନସ ଗୌଡ଼, ଅଜିତ କୁମାର ପ୍ରଧାନ, ସୁଧୀର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ ।

**ବୁଗୁଡ଼ା:** ବୁଗୁଡ଼ା ଓକିଲ ସଙ୍ଘ ନିର୍ବାଚନରେ ମାନସ ରଞ୍ଜନ ଦାଶ-ସଭାପତି , ସୁବ୍ରତ କୁମାର ପଟ୍ଟନାୟକ - ଉପସଭାପତି, ଶ୍ୟାମସୁନ୍ଦର ବିଷୋୟୀ-ସମ୍ପାଦକ, ମନୋଜ କୁମାର ପାଣିଗ୍ରାହୀ- ସହସମ୍ପାଦକ, କାହ୍ନୁଚରଣ ସାହୁ- କୋଷାଧକ୍ଷ ଭାବେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ ଇସି ମେମ୍ବର ଭାବେ ସରୋଜ କୁମାର ଦାଶ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ମହିଳା ଓକିଲ ସାଇ ସନ୍ତୋଷିନୀ ପ୍ରଧାନ ଓ ଦେବୀ ନିବେଦିତା ଚୋଧୁରୀ ସଦସ୍ୟା ଭାବେ ମନୋନୀତ ହେବା ନିଶ୍ଚିତ ହୋଇଛି । ନିର୍ବାଚନ ଅଧିକାରୀ ଭାବେ ସତ୍ୟ ନାରାୟଣ ମିଶ୍ର ଓ ସହ-ନିର୍ବାଚନ ଅଧିକାରୀ ଭାବେ ସଂଗ୍ରାମ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ ।

**ଖଲ୍ଲିକୋଟ:** ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନରେ ସନ୍ତୋଷ ମିଶ୍ର ସଭାପତି, ମେଘନାଦ ଦଳେଇ ଉପସଭାପତି, ସମରଜିତ ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଚିନ୍ମୟୀ ସେଠି ସହ ସମ୍ପାଦିକା ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ବରିଷ୍ଠ ଆଇନଜୀବୀ ନିଖିଳ କୁମାର ପଟ୍ଟନାୟକ ମୁଖ୍ୟ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ ପ୍ରକାଶ ଚନ୍ଦ୍ର ସାହୁ ଓ ମନୋଜ କୁମାର ସାହୁ ତାଙ୍କୁ ସହଯୋଗ କରିଥିଲେ ।

## ଶ୍ରୀରାମ ନବମୀ ପାଳିତ

ଛତ୍ରପୁର,୨୮ ।୩(ସମିସ): ଛତ୍ରପୁର ଲୋୟର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀବଜାର ମାର୍କେଟ କମ୍ପ୍ଲେକ୍ସ ପରିସରରେ ମା’ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି । ପୂଜକ ମନୋରଞ୍ଜନ ଦାଶ ଉପସ୍ଥିତ ପ୍ରଭୂ ଶ୍ରୀରାମଙ୍କ ବିଭିନ୍ନ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଭକ୍ତଙ୍କ ନିମନ୍ତେ ଖେଚୁଡ଼ି ଭୋଗ ବର୍ଣ୍ଟନ କରାଯାଇଥିଲା । ଆଳତି ଦର୍ଶନ ବେଳେ ଭକ୍ତ ଙ୍କ ପ୍ରବଳ ସମାଗମ ହୋଇଥିଲା । ପଣ୍ଡିତ ସରୋଜ ପୁରୋହିତ, ଆରତ



ବିଶ୍ୱାଳ, ଲିପୁନ ବିଶ୍ୱାଳ, ମନୋଜ ସାହୁ, ଗୌରହରି ସାମଲ, ବାବୁ ବେହେରା, କେଞ୍ଝୁ ପୁରୋହିତ, ଅତୁଲ ଦାସ, ସରୋଜ ପାଢ଼ୀ, ଏସ. ପ୍ରବୀଣ କୁମାର, କେ. କମଲକର, ଅଖିଳ ପାଣିଗ୍ରାହୀ, ଗୌରୀ ଶଙ୍କର ରଥ, ସୁବ୍ରତ କୁମାର ମିଶ୍ର, ଦିପୁ ରାଉଳ, ଶେଖର, ନାରାୟଣ ମହାରଣା, ପ୍ରଶାନ୍ତ କୁମାର ମହାରଣା, ବସନ୍ତ କୁମାର ମହାରଣା, ପ୍ରଦୀପ କୁମାର ସାହୁ, ପୂର୍ବତନ କାଉନସିଲର ବି. ରାଜୁବାବୁ, ମନୋଜ କୁମାର ବେହେରା, ସୁରନ୍ଦ୍ର ବେହେରା, ଜଗନ୍ନାଥ ପ୍ରଧାନ, କାଉନସିଲର ଦେବାଶିଷ ମିଶ୍ର, ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ କୁମାର ସାମଲ, ସନ୍ତୋଷ ସାହୁ, ସୁଜୟ ଧଳଙ୍କ ସମେତ ବହୁ ପୂଜା କମିଟି ସଭ୍ୟମାନେ ସହଯୋଗ କରିଥିଲେ ।

## ମା’ ଉତ୍ତରାୟଣୀଙ୍କ ଯାତ୍ରା ମହୋତ୍ସବ



ବେଲଗୁଣ୍ଠା,୨୮ ।୩(ସମିସ):ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁରଠାରେ ଗତ ୨୪ ତାରିଖ ଠାରୁ ଚାଲିଛି ମାଆ ଉତ୍ତରାୟଣୀଙ୍କ ଚତୁର୍ଥତମ ଯାତ୍ରା ମହୋତ୍ସବ । ଗତ ମଙ୍ଗଳବାର ଦିନ ମାଆଙ୍କୁ ଏକ ବିରାଟ ପଟୁଆରରେ ବାଘୁଆ ପାହାଡ଼ ସ୍ଥିତ ସ୍ଥାୟୀ ମନ୍ଦିରରୁ ଅଣାଯାଇ ନଗର ପରିକ୍ରମା ସହିତ କ୍ଷତ୍ରିୟବରପୁର ଗ୍ରାମରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରତ୍ୟେକ ଦିନ ମାଆଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରାଯାଇ ପାରମ୍ପରିକ ବାଦ୍ୟ ବାଜଣା, ବାଘ, ବୃଷଭ, ହରିଣ, ଭାଲୁ ଆଦି ପଶୁମୁଖା ନୃତ୍ୟ, ବେଲୁନ୍ କଣ୍ଡେଇ ଆଦି ପଟୁଆରରେ ମାଆଙ୍କ ନଗର ପରିକ୍ରମା କରାଯାଉଛି । କାର୍ଯ୍ୟକ୍ରମରେ ପୂଜକ ଭାବେ ପୁରୋହିତ ଅଜିତ୍ କୁମାର ଶତପଥି, କାହ୍ନୁ ହୋତା, ହରିହର ତ୍ରୀପାଠୀ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି ଓ ଗ୍ରାମର ଯୁବକ ସଂଘ, ସ୍ୱେଚ୍ଛାସେବୀଙ୍କ ସମେତ ସମସ୍ତ ଗ୍ରାମବାସୀ ଏବଂ ଆଖପାଖ ଗ୍ରାମର ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି ।

## ବିଶ୍ୱନାଥ ତାଲୁକାର ନୂତନ କର୍ମକର୍ତ୍ତା

ଗଞ୍ଜାମ,୨୮ ।୩(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ରାମଚଣ୍ଡୀ ଶକ୍ତିପୀଠରେ ତେର ସ୍ଥାନ ତାଲୁକା ବିଶ୍ୱକର୍ମା ସମାଜର ଏକ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଦିକନ୍ଧ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜଶ୍ରୀ ତଥା ବିଶ୍ୱକର୍ମା ସମାଜର ଦିଗଦର୍ଶକ ପ୍ରଫୁଲ୍ଲ କୁମାର ମହାରଣାଙ୍କ ଆନୁକୂଲ୍ୟରେ ନୂତନ କମିଟି ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଗୋଦାବରୀ ମହାରଣା, ସମ୍ପାଦକ ସୀମାଞ୍ଚଳ ମହାରଣା, ଉପସଭାପତି ଦଣ୍ଡପାଣି ମହାରଣା, ସହ ସମ୍ପାଦକ ସଞ୍ଜୟ ମହାରଣା, କୋଷାଧ୍ୟକ୍ଷ ନାରାୟଣ ମହାରଣା, ମୁଖ୍ୟ ଉପଦେଷ୍ଟା ଆଦିକନ୍ଧ ମହାରଣା, ବିଜୟ ମହାରଣା, ଉପଦେଷ୍ଟା ସୁଧିର ମହାରଣା, ପଞ୍ଚାନନ ମହାରଣା, ବାବୁ ମହାରଣା, ଭାସ୍କର ମହାରଣା, ତ୍ରୟମ୍ବକ ମହାରଣାଙ୍କୁ ଚୟନ କରାଯାଇଥିଲା । ସେହିପରି ଭଲ ଭାଇ ଭାବେ ସୀମାଞ୍ଚଳ ମହାରଣା, ସଞ୍ଜୟ ମହାରଣା, ବୁଲୁ ମହାରଣା, ବାବୁଲା ମହାରଣା, ନାରାୟଣ ମହାରଣା, ସୁବାସ ମହାରଣା, ରାମଚନ୍ଦ୍ର ମହାରଣାଙ୍କୁ ଦାୟିତ୍ୱ ଦିଆଯାସିଥିଲା । ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

କବିସୂର୍ଯ୍ୟନଗର,୨୮ ।୩(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲର ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ ଅଧ୍ୟକ୍ଷତାରେ କ୍ରୀଡ଼ା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କ୍ରୀଡ଼ା ଶିକ୍ଷୟତ୍ରୀ ଯଶସ୍ୱିନୀ ବେହେରାଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରାରେ ସମର ଶିକ୍ଷାର୍ଥୀ ବାହିନୀ ମୁଖ୍ୟ ସହର ରାସ୍ତା ପରିକ୍ରମା କରି ବିଦ୍ୟାଳୟ ଫାଟକ ନିକଟକୁ ଆସି ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ହସ୍ତାନ୍ତର କରିଥିଲେ । ବିଧାୟକ ମଶାଲ ସ୍ଥାପନ କରି କ୍ରୀଡ଼ା ଧ୍ୱଜା ଉତ୍ତୋଳନ କରିଥିଲେ । ଶିକ୍ଷୟିତ୍ରୀ ମାମିନୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବିଧାୟକ ଜୀବନରେ ସୁସ୍ଥତା ପାଇଁ କ୍ରୀଡାର ଆବଶ୍ୟକତା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ସ୍ୱତନ୍ତ୍ର ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡା ଅଧାପକ ପୀତବାସ ବିଶ୍ୱାଳ, ନିମନ୍ତ୍ରିତ ଅତିଥି ପରମାନନ୍ଦ ଖଣ୍ଡୁଆଳ, ଜନାର୍ଦ୍ଦନ ପାତ୍ର, ଜଗନ୍ନାଥ ଦାସ, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ପଦ୍ମନାଭ ମିଶ୍ର, ଦୀପ୍ତି ମହାପାତ୍ର, ମର୍ଦ୍ଦରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ସଫଳ ପ୍ରତିଯୋଗୀଙ୍କୁ ବିଧାୟକ ସିଲ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ୧୮ ଦିନିଆ ଦଣ୍ଡନାଚ ଆରମ୍ଭ

ସାନଖେମୁଣ୍ଡି,୨୮ ।୩(ସମିସ): ସାନଖେମୁଣ୍ଡିରେ ଆରମ୍ଭ ହୋଇଛି ୧୮ ଦିନିଆ ଦଣ୍ଡ ନାଚ । ଦଣ୍ଡୁଆମାନେ ମା’ ଦଣ୍ଡକାଳୀ ଓ ଶିବଙ୍କୁ ସାଥିରେ ଧରି ଗାଁକୁ ଗାଁ ଘରକୁ ଘର ବୁଲି ମାନସିକଧାରୀମାନଙ୍କ ଘର ସମ୍ମୁଖରେ ଯାତ୍ରା କରି ମାନସିକଧାରୀଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି । ମଧ୍ୟାହ୍ନରେ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ଇତ୍ୟାଦି ସମ୍ପନ୍ନ ହୋଇଥାଏ । ସନ୍ଧ୍ୟାରେ ମା’ଙ୍କ ରିତିନିତି ଅନୁଯାୟୀ ଆଳତି ଓ ପୂଜାର୍ଚ୍ଚନା କରିବା ପରେ ଅଧ ରାତିରେ ମା’ଙ୍କୁ ଅନ୍ନପ୍ରସାଦ ଲାଗି କରାଯାଇଥାଏ । ରାତିରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥାଏ ।



ସାନଖେମୁଣ୍ଡି ବ୍ଲକ ପଳାଶପୁର, ପାଟପୁର, ଜୟନଗର, ଭାଲ୍ୟାଝୋଲା, ତିତିଖଣ୍ଡି, ନୂଆଗାଁ ଆଦି ଦଣ୍ଡ ପୀଠ ନିଜର ୧୮ ଦିନାମକ୍ର ଯାତ୍ରା ଆରମ୍ଭ କରିଛନ୍ତି । ଦଣ୍ଡପୀଠ ଗୁଡ଼ିକ ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମକୁ ଯାଇ ନିଜ ସେବାୟତମାନଙ୍କ ଦାଣ୍ଡରେ ଏହି କାଷ୍ଠା ଓ ନିଷ୍ଠାର ପର୍ବ ପାଳନ କରନ୍ତି ।

## ଖଡ଼ିଛୁଆଁ ପାଇଁ ବଣ୍ଟାଗଲା ନିମନ୍ତ୍ରଣ ପତ୍ର

ସାନଖେମୁଣ୍ଡି,୨୮ ।୩(ସମିସ): ସାନଖେମୁଣ୍ଡି ବ୍ଲକ ଗୌତମୀ ପ୍ରାଥମିକ ବିଦ୍ୟାଳୟ, ହଂସରାଳି, ଗୁଣସାଗର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ଉପସ୍ଥିତ ଥିବାବେଳେ ଘରକୁ ଘର ଯାଇ କୁନି କୁନି ଶିଶୁମାନଙ୍କୁ ଚକୋଲେଟ ଓ ଫୁଲ ଦେବା ସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଆସନ୍ତା ଏପ୍ରିଲ ୨ରେ ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ନାମଲେଖା ଦିବସ ପାଳନ କରାଯିବ । ନୂତନ ଭାବେ ନାମ ଲେଖାଉଥିବା ପିଲାମାନଙ୍କୁ



ପାରମ୍ପରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବ । କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାମେଶ୍ୱର ମଲ୍ଲିକ, ସିଆରସିସି ପବିତ୍ର କୁମାର ସେଠୀ, ଗୌତମୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ. ନୀଳମାଧବ, ରୀତାଞ୍ଜଳି ପାତ୍ର, କରିସ୍ମା ପଟ୍ଟନାୟକ, ଏମ୍ ଜ୍ୟୋତ୍ସ୍ନା ରେଡ଼ି, ସସ୍ମିତା ପଟ୍ଟନାୟକ, ପ୍ରିୟଙ୍କା ନାୟକ, ଗୁଣସାଗର ହଂସାରାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ପଣ୍ଡା, ପ୍ରଶାନ୍ତ ବିଷୋୟୀ, ଜାଗିଲି ପଡିଆଳି, ଜ୍ୟୋତିଷ ରଞ୍ଜନ ପାଣିଗ୍ରାହୀ, ଦିଲ୍ଲୀପ ବିଷୋୟୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଧରାକୋଟରେ ‘ଆସ ସ୍କୁଲଯିବା’ ଅଭିଯାନ

ଧରାକୋଟ,୨୮ ।୩(ସମିସ): ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ତରଫରୁ ଯୋଗ୍ୟ ଶିଶୁମାନଙ୍କ ଘରକୁ ଯାଇ ଶିଶୁ ବାଟିକାରେ ନାମ ଲେଖାଇବାକୁ ନିମନ୍ତ୍ରଣପତ୍ର ବର୍ଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଏସଏମସି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ସାମ୍ବାଦିକ ଶିଶିର ମହାନ୍ତି, ଶିକ୍ଷକ ବିଧୁଭୂଷଣ ରାଉତ, ଗଣପତି ଗମାଙ୍ଗ, ଅନିଲ ନାୟକ, ସୁନୀଲ ସାହୁ, ଅଜିତ ନାୟକ, ଦମୟନ୍ତୀ ଦାସ ଓ ସୁପର୍ଣ୍ଣା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଅଭିଭାବକ ଓ ଶିଶୁମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ ପାଇଁ ସମସ୍ତେ ଉତ୍ସାହିତ କରିଥିଲେ ।

**ଘରେ ପଶି ଯୁବତୀଙ୍କୁ ହାଣିବା ଘଟଣା**

# ସପ୍ତାହେ ବିତିଲା; ଘଟଣାର ଖିଅ ପାଉନି ପୁଲିସ

**ପାତ୍ରପୁର,୨୮ ।୩(ସମିସ):**

ଜରଡା ଥାନା ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ଷୋଳଭାଗପେଣ୍ଠ ଗ୍ରାମରେ ଘରେ ଏକା ଥିବା ସମୟରେ ଉକ୍ତ ଗ୍ରାମର କେ. କଇରାଙ୍କ ଝିଅ କେ. ସୁଇଟିଙ୍କୁ କେହି ଦୁବୃର୍ତ୍ତ ମୁଖାପିନ୍ଧି ଘରେ ପଶି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଯୁବତୀଙ୍କ ପିଠି, ଗଳା, ହାତ ଓ ମୁହଁରେ ଗଭୀର ଆଘାତ ଲାଗିଛି । ଘଟଣାକୁ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ପୁଲିସ ଖିଅ ପାଉନି କି ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନି ।

ସେହିଭଳି ଗତ ରବିବାର ତୁରୁବୁଡି ପଞ୍ଚାୟତ ଅର୍ନ୍ତଗତ ଜଗନ୍ନାଥପୁର ଗ୍ରାମରେ ଜଣେ ମହିଳାଙ୍କୁ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ପୁଲିସ ପକ୍ଷରୁ ୭ଜଣ ନାମରେ ମାମଲା ରୁଜୁ କରି



ତଦନ୍ତ ଆରମ୍ଭ କରିଛି । ଉକ୍ତ ଗ୍ରାମର ନିରଞ୍ଜନ ଗୌଡ, ଅଜୟ ଗୌଡ଼, ଯୁଧିଷ୍ଠିର ଗୌଡ଼, ଅସେଇ ଗୌଡ଼, ବନିତା ଗୌଡ଼, ଇନ୍ଦିରା ଗୌଡ଼ ଓ ସୁନି ଗୌଡ଼ଙ୍କ ନାମରେ ମାମଲା ରୁଜୁ ହୋଇଛି । ଉଭୟ

**ମୁରବି ବିହୀନ ଜରଡ଼ା ଥାନା ଅଞ୍ଚଳରେ ବଢୁଛି ମହିଳା ହିଂସା**

ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରିନଥିବା ଜଣାପଡିଛି । ପୁଲିସ ଜାଲରେ ପଡୁନି ଅପରାଧି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଭଳି ସମୟରେ ଜରଡ଼ା ଥାନା ଅଧିକାରୀଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ମୁରବିବିହୀନ ଥାନା ଇଲାକା ଅପରାଧିଙ୍କୁ ସୁହାଉଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ଗତ ମାସରେ ଜରଡା ଥାନା ଅଧିକାରୀ ଟୁନା ସାସମଲଙ୍କ ଗୋଳନ୍ଥରା ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ କୌଣସି ଆଇଆଇସି ଆସିନଥିବା ବେଳେ ଚାକିରୀରେ ପଦନ୍ନୋତି ପାଇଥିବା ମୀନାକ୍ଷୀ ଦଳବେହେରାଙ୍କ ଜରଡା ଥାନା ଦାୟିତ୍ୱ ଦିଆଯାଇଛି । ସର୍ବଦା ଜରଡ଼ା ଥାନା ସମ୍ବେଦନଶୀଳ ଥାନା ଭାବେ ପରିଚିତ ଥିବା ବେଳେ ଉପରିସ୍ତ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇନଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ଏହା ଉପାନ୍ତ ପ୍ରତି ଅବହେଳା ବୋଲି ବୃଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ବିଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା




ପାରଳାଖେମୁଣ୍ଡି,୨୮ ।୩(ସମିସ): ପାରଳାଖେମୁଣ୍ଡିରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଥିଲା। ପ୍ରଗତିଶୀଳ ନାଟ୍ୟ ସଂସ୍ଥା "ତରଙ୍ଗ ରଙ୍ଗ' ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର, ସମ୍ମାନିତ ଅତିଥି ଭାବେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥି ଓଡ଼ିଆ ଭାଷା ତଥା ଓଡ଼ିଶାକୁ ପାରଳା ମାଟି ହିଁ ପ୍ରଥମ ରଙ୍ଗମଞ୍ଚ ଓ ପ୍ରଥମ ନାଟକ ଦେଇଛି। ରଘୁନାଥ ପରିଚ୍ଛା ହିଁ ପ୍ରଥମ ନାଟ୍ୟକାର ବୋଲି ବିଭିନ୍ନ ପୁସ୍ତକରେ ଲେଖାହୋଇଛି। ତେଣୁ ପାରଳାର ଏହି ଗୌରବକୁ କେହି କେବେ ଭ୍ରମିତ କରିପାରିବେ ନାହିଁ ବୋଲି ମତ ଉପସ୍ଥାପନା କରିଥିଲେ। କ୍ରମାଗତ ଭାବେ ପାରଳାର ନାଟ୍ୟ ପରମ୍ପରାକୁ କଳାକାର ବଜାୟ ରଖି ବିଭିନ୍ନ ଜିଲ୍ଲା ତଥା ରାଜଧାନୀ ଭୁବନେଶ୍ୱରରେ ନାଟକ ପ୍ରଦର୍ଶନ କରୁଥିବାରୁ ଅତିଥି ମାନେ କଳାକାରଙ୍କୁ ସାଧୁବାଦ ଜଣାଇ ଆଗମୀ ଦିନରେ ଜାତୀୟ ସ୍ତରରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାକୁ ଅନୁରୋଧ କରିଥିଲେ।

ଦ୍ୱୀତୀୟ ପର୍ଯ୍ୟାୟରେ ମଞ୍ଚ କଳାକାରଙ୍କ ମଧ୍ୟରେ "ସାମାଜିକ ଗଣମାଧ୍ୟମରେ ଆଗମୀ ଦିନରେ ଓଡ଼ିଆ ନାଟକ ସ୍ଥିତି' ବିଷୟକୁ ନେଇ ଏକ ଆଲୋଚନା ହୋଇଥିଲା। ଏଥିରେ ବିଶିଷ୍ଟ ନାଟ୍ୟକର୍ମୀ ମନୋଜ ପାଢ଼ୀ, ଏମ.ପୃଥିବୀ ରାଜ ମତ ଉପସ୍ଥାପନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଧନ୍ୟବାଦ୍ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ବାଳକୃଷ୍ଣ ପାଣିଗ୍ରାହୀ, ହରିହର ପଟ୍ଟନାୟକ, ମାତଙ୍ଗିନୀ ଗୁରୁ, କବିତା ପାଢ଼ୀ ଓ ସୁଜିତ୍ ପାଣିଗ୍ରାହୀ ପରିଚାଳନା କରିଥିଲେ।

**ପ୍ରଶାସନର ନାକତଳେ ଚାଲିଛି ଅବାଧ ମାଟି ଇଟାଭାଟି**

# ଚାରିଦିନ ତଳେ ଭାଙ୍ଗିଥିଲା; ପୁଣି ଆରମ୍ଭ ହେଲାଣି





ପାରଳାଖେମୁଣ୍ଡି,୨୮ ।୩(ସମିସ)

ବେଆଇନ ଇଟାଭାଟି ବନ୍ଦ କରିବାରେ ବିଫଳ ହେଉଛି ପ୍ରଶାସନ। ନାମକୁ ମାତ୍ର ବର୍ଷକୁ ଥରେ ଲୋକ ଦେଖାଣିଆ ବେଆଇନ ଇଟାଭାଟି ଭାଙ୍ଗି ଜରିମାନା ପକାଇ ପ୍ରଶାସନ ଚୁପ୍ ବସୁଥିବା ବେଳେ ପୁଣି ମାଫିଆ ଭାଟି ଗଢ଼ି ଇଟା ପୋଡୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ପାରଳାଖେମୁଣ୍ଡି ସହର ଉପକଣ୍ଠରେ।

ପ୍ରକାଶ ଯେ, ପାରଳାଖେମୁଣ୍ଡି ଠାରୁ ଗୁମ୍ମା ରାସ୍ତା କଡ଼ରେ ରାଣୀପେଣ୍ଠଠାରୁ ଆରମ୍ଭ କରି ଗୁମ୍ମା

- ମାଲିକଙ୍କ ଅଜବ ଯୁକ୍ତି 'ଜରିମାନା ଦେଇଛୁ, ଇଟା ପୋଡ଼ିବୁ'
- ଆନ୍ଧ୍ରରୁ ବି ଆସୁଛି ଶହ ଶହ ଟ୍ରାକ୍ଟର ପୋଡ଼ାଇଟା

ପର୍ଯ୍ୟନ୍ତ ୧୦ରୁ ଅଧିକ ବଡ଼ ବଡ଼ ଇଟାଭାଟି ରହିଛି। ଲକ୍ଷ ଲକ୍ଷ ଇଟା ତିଆରି କରି ପୋଡ଼ା ଯାଉଥିବା ବେଳେ ପ୍ରଶାସନ ସବୁ ଜାଣି ଅଜଣା ସାଜିଛି। ଅଭିଯୋଗ ପରେ ନାମକୁ ମାତ୍ର କିଛି ଇଟାଭାଟି ନଷ୍ଟ କରିବା ସହ ଜରିମାନା ଆଦାୟ କରିବା ପରେ ନିରବ ହୋଇଯାଉଛି ପ୍ରଶାସନ। ମାତ୍ର ୪ ଦିନ ପୂର୍ବେ ରାଣୀପେଣ୍ଠ ଗ୍ରାମସ୍ଥ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଇଟାଭାଟି ଭାଙ୍ଗିଥିଲା ପ୍ରଶାସନ। ହେଲେ ଆଜି ସେହି ଇଟାଭାଟି ପୁଣି କାର୍ଯ୍ୟକ୍ଷମ ଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ଟଙ୍କା ଜରିମାନା ବାନ୍ଧିଦେଇ ଉକ୍ତ ବେଆଇନ ଇଟାଭାଟି ମାଲିକ ବେଫିକର ହୋଇପଡ଼ିଛନ୍ତି।

କିନ୍ତୁ ପୂର୍ବପରି ସେହି ଅଞ୍ଚଳରେ ଅନେକ ଇଟାଭାଟି ଲକ୍ଷ ଲକ୍ଷ ସଂଖ୍ୟାର ଇଟା ପୋଡ଼ି ସମଗ୍ର ଅଞ୍ଚଳକୁ ପ୍ରଦୂଷଣ କରୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଇଟା ପୋଡ଼ିବା ପାଇଁ ତଷ୍ଟୁ ସମେତ ବିପୁଳ ପରିମାଣର କାଠ ବ୍ୟବହାର ହେଉଛି। ଏତେ ପରିମାଣର କାଠ କେଉଁଠୁ ଆସୁଛି ତାର କୌଣସି ହିସାବ କାହା ପାଖରେ ନାହିଁ। ଗୋଟିଏ ପଟେ ସରକାରୀ ନିୟମ ଉଲ୍ଲଂଘନ କରି ଇଟାଭାଟି ଚଳାଇବା, ଅନ୍ୟ ପଟେ ବେଆଇନ କାଠ ଆଣି ଇଟା ପୋଡ଼ିବାକୁ ବ୍ୟବହାର କରିବା ଏହିସବୁ ପ୍ରଶାସନ ନାକତଳେ ଚାଲିଥିବାବେଳେ ପ୍ରଶାସନ ଓ ବନ ବିଭାଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚୁପ୍ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି।

ଅନ୍ୟପକ୍ଷରେ ଏନେଇ ଇଟାଭାଟି ମାଲିକଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ରହିଛି। ଯାହାକୁ କହିବାର ଅଛି କୁହ। ଜରିମାନା ବାନ୍ଧିଲୁ ଟଙ୍କା ଦେଲୁ କ'ଣ ପାଇଁ। ଏତେସବୁ ଇଟା ତିଆରି ହୋଇଛି, ପୋଡି ନ ବିକିଲେ ସେହି ଟଙ୍କା କେମିତି ବାହାରିବ। ଯାହାକୁ କହିବାର ଅଛି କୁହ ଆମେ ସମସ୍ତଙ୍କୁ ହିସାବ ଦେଇସାରିଛୁ ଭଳି ବିତଣ୍ଡା ମତ ରଖୁଛନ୍ତି। ଏପରି ମତରୁ ଜଣାପଡୁଛି ଯେ ସେମାନଙ୍କ ଚେର୍ ବହୁତ ଲମ୍ବା। ଶାସକ, ପ୍ରଶାସନଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ସଭିଏଁ ଗୋଟିଏ ଘାଟର ବୋଲି କୁହାଯାଉଛି।

ରାଜ୍ୟସରକାର ସହର ଠାରୁ ଓ ଗ୍ରାମ ନିକଟରେ ଥିବା ଇଟା ଭାଟି ବନ୍ଦ କରି ସରକାର ଠିକ୍ ପଦେକ୍ଷପ ନେଇଥିଲେ। ହେଲେ ରାଜ୍ୟରେ ବନ୍ଦ କରି ପଡୋଶୀ ଆନ୍ଧ୍ରରୁ ଆଣି ଏଠି ଚଢ଼ା ଦାମରେ ବିକ୍ରି କରିବା କେତେ ଯେ ଠିକ୍ ତାହା ପ୍ରଶାସନକୁ ହିଁ ଜଣା। ଚଳିତ ସପ୍ତାହରେ ପାରଳାଖେମୁଣ୍ଡି ନିକଟରେ ଥିବା ବିଭିନ୍ନ ଇଟାଭାଟି ଭାଙ୍ଗିଯାଇଥିଲା। କିନ୍ତୁ ଏକ ସପ୍ତାହ ମଧ୍ୟରେ କେତେ ଇଟା ଟ୍ରାକ୍ଟର ଆନ୍ଧ୍ରରୁ ଆସୁଛି ତାର ହିସାବ ପ୍ରଶାସନ ନିକଟରେ ରହିବା ଦରକାର। ଏହିଭଳି ଆନ୍ଧ୍ରରୁ ଇଟା ଆସୁଥିବାରୁ ତୀବ୍ର ବିରୋଧ କରିଛନ୍ତି କେ. ସୀତାପୁର ସରପଞ୍ଚ କେ. ତେଜେଶ୍ୱର୍ ରାଓ। ଆସନ୍ତା ଦିନରେ ଏଇଭଳି କରାଗଲେ ଓଡ଼ିଶା ସରକାରଙ୍କ ରାଜସ୍ୱ ହାନୀ ହେବ ବୋଲି ଶ୍ରୀ ରାଓ କହିଛନ୍ତି। ଯଦି ଆନ୍ଧ୍ର ଇଟା ଓଡ଼ିଶାରେ ବନ୍ଦ ନହୁଏ ଆଗାମୀ ଦିନରେ ନିଶ୍ଚିତ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସରପଞ୍ଚ କହିଛନ୍ତି।

# ମୋହନାରେ ଶିଶୁମିତ୍ର ଥାନା ଉଦ୍‌ଘାଟିତ



ମୋହନା,୨୮ ।୩(ସମିସ): ମୋହନା ଥାନା ପରିସରରେ ଶିଶୁମିତ୍ର ଥାନା ଉଦ୍‌ଘାଟିତ ହୋଇଯାଇଛି। ଶନିବାର ବ୍ରହ୍ମପୁର ଆଇଜି ନିତି ଶେଖର ମୋହନା ଗସ୍ତ କରି ଏହାକୁ ଉଦଘାଟନ କରିଛନ୍ତି। ଯେଉଁ ଅସହାୟ ମହିଳା ତାଙ୍କ ଛୋଟ ଶିଶୁଙ୍କୁ ନେଇ ଥାନାକୁ ଆସନ୍ତି ତଥା ଅସହାୟ ଶିଶୁଙ୍କୁ ପୁଲିସ ଉଦ୍ଧାର କରିବା ପରେ ଶିଶୁ ମିତ୍ର ଥାନାରେ ଆଶ୍ରୟ ନେଇପାରିବେ। ଏହି ଥାନାରେ ଶିଶୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କ୍ରୀଡ଼ା ଉପକରଣ ବ୍ୟବସ୍ଥା କରାଯାଇଛି। ଏଥିସହ ରାତ୍ରିଯାପନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏହାଦ୍ୱାରା ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିବା ସହ ଆସ୍ଥାଭାଜନ ହୋଇପାଇବ ବୋଲି ଆଇଜି କହିଛନ୍ତି। ଉଦଘାଟନ ସମୟରେ ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା, ରା.ଉଦୟଗିରି ଏସଡିପିଓ ଆଇପିଏସ୍ ରାକେଶ ସାହୁ ଓ ମୋହନା ଥାନା ଅଧିକାରୀ ଓଁ ନାରାୟଣ ପାତ୍ର ଉପସ୍ଥିତ ଥିଲେ।

**କାଳବୈଶାଖୀର ତାଣ୍ଡବ**

# ବିଦ୍ୟାଳୟ ଆଜବେଷ୍ଟସ୍ ସହ ଅନେକ ଛପର ଉଡ଼ିଲା





ଫିରିଙ୍ଗିଆ,୨୮ ।୩(ସମିସ): ଫିରିଙ୍ଗିଆ ବ୍ଲକରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ପବନ ଯୋଗୁଁ ବିଭିନ୍ନ ଗାଁରେ ଗଛଡାଳ ଭାଙ୍ଗିବା ସହ ବହୁ ଘର ଟିଣ ଛପର ସହ ଚାଳ ଛପର ଉଡି ବ୍ୟାପକ କ୍ଷୟକ୍ଷତି ହୋଇଛି। କାଶିନୀପଦର ପଞ୍ଚାୟତ ମାସାର ଗାଣ୍ଡ ପ୍ରାଥମିକ ବିଦ୍ୟାଳୟର ଟିଣ ଛପର ଗୋଟିଏ ପଟ ଉଡ଼ି ବହୁ ଦୂରରେ ପଡ଼ିଥିବା ବେଳେ ଘରର କାନ୍ଥ ମଧ୍ୟ ନଷ୍ଟ ହୋଇଛି। ବର୍ଷାପାଣି ପଡ଼ି ବିଦ୍ୟାଳୟ ଭିତରେ ଥିବା ଚାଉଳ ନଷ୍ଟ ହୋଇଥିବା ବେଳେ କାଗଜପତ୍ର ପାଣିରେ ନଷ୍ଟ ହୋଇଛି। ବର୍ତ୍ତମାନ ବିଦ୍ୟାଳୟରେ ବାଲବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୯ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି। ରାତିରେ ଏଭଳି କାଳବୈଶାଖୀ ହୋଇଥିବାରୁ କାହାର କିଛି ଅସୁବିଧା ହୋଇନାହିଁ। ବିଦ୍ୟାଳୟ ଭଗ୍ନ ଅବସ୍ଥାରେ ଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ

**ମଧ୍ୟାହ୍ନଭୋଜନ ଚାଉଳ ସହ କାଗଜପତ୍ର ନଷ୍ଟ**

ବାଧାପ୍ରାପ୍ତ ହୋଇଛି। ତୁରନ୍ତ ଏହି ବିଦ୍ୟାଳୟ ଗୃହର ମରାମତି ସହ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବୁରୁଧର କହଁରଙ୍କ ସହ ମାସାରଗାଣ୍ଡ ଗ୍ରାମବାସୀ ଦାବି କରିଛନ୍ତି। କାଶିନୀପଦରରେ ଏକ ଯଜ୍ଞ ଚାଲିଥିବା ବେଳେ ପବନ ଯୋଗୁ ଟେଣ୍ଟ ଭାଙ୍ଗିବା ସହ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଗାଁରେ କିଛି ଘର ଛପର ମଧ୍ୟ ଉଡ଼ିଯାଇଛି। ଡିଣ୍ଡିରାଗାଁ ପଞ୍ଚାୟତ ସରୁକୋଇ ଗାଁରେ ମଧ୍ୟ ୭ରୁ ଅଧିକ ଘର ଛପର ଉଡ଼ିବା ସହ ବହୁ କ୍ଷୟକ୍ଷତି ହୋଇଛି। ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଥିବା ବେଳେ ଏହି ଘଟଣାକୁ ନେଇ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ଆସିଛି। ବିଦ୍ୟାଳୟ ସବୁ ନଷ୍ଟ ହୋଇଛି। ତୁରନ୍ତ କିଭଳି ଏହାର ସମାଧାନ ହେବ ତାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ଆସିନି। ଅଭିଯୋଗ ଆସିଲେ ତୁରନ୍ତ ସହାୟତା କିଭଳି ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ୫ ଗାଁକୁ ବିଜୁଳି ଆଲୁଅ ସ୍ୱପ୍ନ

ବ୍ରାହ୍ମଣୀଗାଁ,୨୮ ।୩(ସମିସ): ଦାରିଙ୍ଗବାଡ଼ି ବ୍ଲକସ୍ଥିତ ଗଦାପୁର ପଞ୍ଚାୟତଠାରୁ କୋଟଗଡ଼ ଯିବା ରାସ୍ତାରେ ଗଦାପୁରରୁ ପ୍ରାୟ ୧୫ କି.ମି ଦୂରରେ ଗାନ୍ଧାରିଗୁଡ଼ି, ଡେଙ୍ଗେଲଗାଟୁ, ସୁନାପାଙ୍ଗା, ଡୁବୁରୀ ଓ ନିଲାକ୍ୟୁ ଗ୍ରାମ ରହିଛି। ଏସବୁ ଗ୍ରାମ ଅନୁନ୍ନତ, ଆଦିବାସୀ ଅଧ୍ୟୁଷିତ ହୋଇଥିବା ବେଳେ ପ୍ରାୟ ୧ ହଜାର ଲୋକ ବସବାସ କରୁଛନ୍ତି। କିନ୍ତୁ ସେହି ସବୁ ଗ୍ରାମବାସୀ ବିଦ୍ୟୁତ ଆଲୋକ ଦେଖିନାହାନ୍ତି। ବିଦ୍ୟୁତ୍ ସଂଯୋଗ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ



ଗ୍ରାମବାସୀ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଛି। କିନ୍ତୁ କାର୍ଯ୍ୟ ଏଯାଏଁ ହୋଇ ପାରିନାହିଁ। ବିଦ୍ୟୁତ ନଥିବା ଯୋଗୁଁ ଲୋକେ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। କୌଣସି ବିକାଶମୂଳକ କାର୍ଯ୍ୟ ଏହି ଅଞ୍ଚଳରେ ସମ୍ଭବପର ହୋଇପାରୁନାହିଁ। ଛାତ୍ରଛାତ୍ରୀ ମଧ୍ୟ ପାଠପଢ଼ାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ହିଂସ୍ର ଜନ୍ତୁ ଭୟ ମଧ୍ୟ ରହିଛି। ଏହି ଗ୍ରାମ ଗୁଡ଼ିକରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ତପସ୍ୟାକାଳୀନ ଆଧ୍ୟାତ୍ମିକ ନବୀକରଣ ଧ୍ୟାନ ଉଦ୍‌ଯାପିତ

ମୋହନା,୨୮ ।୩(ସମିସ): ଚାନ୍ଦିପୁଟ ସେଣ୍ଟ ମେରୀ କ୍ୟାଥଲିକ ଚର୍ଚ୍ଚରେ ତିନି ଦିନିଆ ତପସ୍ୟାକାଳିନ ଆଧ୍ୟାତ୍ମିକ ନବୀକରଣ ଧ୍ୟାନ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି ଧ୍ୟାନ ଶିବିରରେ ଗଞ୍ଜାମ ଜିଲ୍ଲା ଗୋପାଳପୁରର ଧ୍ୟାନଦାତା ଯାଜକ ଏଞ୍ଜେଲ ରଣସିଂ ଯୋଗ ଦେଇ ତିନି ଦିନ ଉପସ୍ଥିତ ରହି ଦିବ୍ୟ ପ୍ରସାଦ ଆରାଧନା, କୃଶପଥ ଏବଂ ଦିବ୍ୟଯଜ୍ଞ ସହ ପ୍ରଭୁ ଯୀଶୁଙ୍କ ବାକ୍ୟ ପ୍ରଚାର କରିଥିଲେ। ଏହି ଧ୍ୟାନ ଶିବିରରେ ଅଞ୍ଚଳର ଶତାଧିକ ଖୀଷ୍ଟ ବିଶ୍ୱାସୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପାରିଶର ମୁଖ୍ୟଯାଜକ ଦେବାନନ୍ଦ ନାୟକଙ୍କ ସହ ଚାନ୍ଦିପୁଟ ମଣ୍ଡଳୀର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ୧୪ ବର୍ଷରୁ କମ୍ ରଗ୍‌ବୀ ଦଳରେ ଜୀବା ଉଚ୍ଚ ବିଦ୍ୟାଳୟ ଛାତ୍ର



ପାରଳାଖେମୁଣ୍ଡି,୨୮ ।୩(ସମିସ): ଅଣ୍ଡର–୧୪ ଜାତୀୟସ୍ତରୀୟ ରଗ୍‌ବୀ ଦଳରେ ୧୨ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଚିନ୍ନା ଶବର। ଏହି ଅବସରରେ ଜୀବା ପଞ୍ଚାୟତର ସରପଞ୍ଚ ଏଡେଙ୍ଗା ଶବର ନିଜେ ବିଦ୍ୟାଳୟ ପରିଦର୍ଶନ କରି ଏହି ଉଦୟମାନ ପ୍ରତିଭାକୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସଫଳତାର ପ୍ରଚ୍ଛଦ ପଟରେ ଥିବା କ୍ରୀଡ଼ା ଶିକ୍ଷକ ଶିବରାମ ଭୂୟାଁଙ୍କୁ ମଧ୍ୟ ସମ୍ମାନ ଜଣାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିନାକ୍ଷୀ ପାଢ଼ୀ, ରମାକାନ୍ତ ପଟ୍ଟନାୟକ, ଅମୂଲ୍ୟ ପାଣିଗ୍ରାହୀ, ଶିବରାମ ଭୁୟାଁ, ବାଲିଙ୍ଗୀ ସୁଜାତା, ଲୋପିଣ୍ଟି ମଣି, ନିଳାପୁ ହରିଶ୍ଚନ୍ଦ୍ର, ଜି. ନବୀନ ଓ ନରସିଂହ ରାଓ ଜାତୀୟସ୍ତରରେ ସଫଳତା ହାସଲ କରି ଜିଲ୍ଲା ତଥା ବ୍ଲକକୁ ଗୌରବାନ୍ୱିତ କରନ୍ତୁ ବୋଲି ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚିନ୍ନା ଶବରଙ୍କୁ ଆଶୀର୍ବାଦ ଜଣାଇ ଜାତୀୟସ୍ତରରେ ସେ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟର ନାମ ଉଜ୍ଜ୍ୱଳ କରିବେ ବୋଲି ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।

**ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍ ନିର୍ବାଚନ**

# ରାମକୃଷ୍ଣ ସଭାପତି, କାଶୀନାଥ ସମ୍ପାଦକ

ପାରଳାଖେମୁଣ୍ଡି,୨୮ ।୩(ସମିସ)



ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍ ନିର୍ବାଚନରେ ସଭାପତି ଭାବେ ରାମକୃଷ୍ଣ ନାୟକ, ଉପସଭାପତି ଶିବ ପ୍ରସାଦ ପାଣିଗ୍ରାହୀ ଏବଂ ସମ୍ପାଦକ ଭାବେ କାଶୀନାଥ ଦାଶ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ବାର୍ ଆସୋସିଏସନ ନିର୍ବାଚନର ଫଳାଫଳ ଘୋଷଣା ହୋଇଛି। ମୁଖ୍ୟ କରି ସଭାପତି ଉପସଭାପତି ଓ ସମ୍ପାଦକ ପଦ ପାଇଁ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ଅନ୍ୟାନ୍ୟ ପଦରେ ପ୍ରତିଦ୍ୱନ୍ଦିତା ନଥିବା ଯୋଗୁ ନିର୍ଦ୍ଦ୍ୱନ୍ଦ୍ୱରେ ପ୍ରାର୍ଥୀମାନେ ବିଜୟୀ ହୋଇସାରିଛନ୍ତି।

ସୂଚନା ପ୍ରକାରେ ସଭାପତି ପଦ ପାଇଁ ରାମକୃଷ୍ଣ ନାୟକ ଓ ହୀରାଚାନ୍ଦଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ରାମକୃଷ୍ଣ ୮୫ ଓ ହୀରାଚାନ୍ଦ ୨୨ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପାଇଁ ନୀଳମାଧବ ଅଧିକାରୀ ଓ ଶିବ ପ୍ରସାଦ ପାଣିଗ୍ରାହୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ଶିବ ପ୍ରସାଦ ୫୫ ଓ ନୀଳମାଧବ ୫୩ ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦକ ପଦ ନିମନ୍ତେ ଆର୍.ବାବୁ ରାଓ ଓ କାଶୀନାଥ ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ କାଶୀନାଥ ୭୩ ଓ ଆର୍.ବାବୁ ୩୪ ଖଣ୍ଡ ଭୋଟ ପାଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଶିବ କୁମାର ଯେଡଲା, କୋଷାଧ୍ୟକ୍ଷ ସନ୍ଦୀପ କୁମାର ପଟ୍ଟନାୟକ, ଲାଇବ୍ରେରିୟନ ଭାବେ ରଘୁନାଥ ପାତ୍ର ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅଶୋକ କୁମାର ଅଧିକାରୀ, ବେହେରା ଚନ୍ଦନ କୁମାର, ଗାଗାରିନ ଶବର, ପାଣ୍ଡି ବିଶ୍ୱନାଥ, ସତ୍ୟନାରାୟଣ ପାଢୀ ଓ ଶଶାଙ୍କ ଶେଖର ସାବତ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି। ନିର୍ବାଚନ ଅଧିକାରୀ ଭାବେ ମଳୟମାଧୁରୀ ତ୍ରିପାଠୀ ଏବଂ ଉପନିର୍ବାଚନ ଅଧିକାରୀ ଭାବେ ଗିରିଜା ପଟ୍ଟନାୟକ ମନୋନିତ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିଥିଲେ। ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ଓ ସମସ୍ତ ଓକିଲ ଶୁଭେଚ୍ଛା ଜଣାଇଛନ୍ତି।

**ଜି.ଉଦୟଗିରି ବାର୍ ଆସୋସିଏସନ୍ ନିର୍ବାଚନ**

## କେଶରୀ ସଭାପତି, ସମ୍ପାଦକ ହେଲେ ଅଜିତ



ଜି.ଉଦୟଗିରି,୨୮ ।୩(ସମିସ): ଆଜି ସାରା ରାଜ୍ୟରେ ଓକିଲ ସଂଘ ନିର୍ବାଚନ ହୋଇଥିବା ବେଳେ ଜି.ଉଦୟଗିରି ବାର ଆସୋସିଏସନ ନିର୍ବାଚନରେ କେଶରୀ ଭୋଇ ସଭାପତି ଏବଂ ଅଜିତ କୁମାର ଦିଗାଲ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ପୁଷ୍ପଶ୍ରୀ ରାଉତରାୟ, ସହସମ୍ପାଦକ ଭାବେ ବୁଲୁ ସାହେବ ସେଠୀ, କୋଷାଧ୍ୟକ୍ଷ ବ୍ରଜ ମୋହନ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅଶ୍ୱିନୀ ଦିଗାଲ, ପୁଷ୍ପାମିତ୍ର ଦେବୀ ସହମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଆଜିର ଏହି ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନୀ ଅଧିକାରୀ ରାମା ରାଓ ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଫଳାଫଳ ଘୋଷଣା କରିଛନ୍ତି। ନୂତନ ନିର୍ବାଚିତ ଓକିଲ ସଂଘ ପ୍ରତିନିଧିଙ୍କୁ ଅଞ୍ଚଳବାସୀ ଏବଂ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପୌରପରିଷଦ କାର୍ଯ୍ୟାଳୟରେ ଅଗ୍ନିସୁରକ୍ଷା ମକ୍‌ଡ୍ରିଲ୍

ପାରଳାଖେମୁଣ୍ଡି,୨୮ ।୩(ସମିସ): ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଭେଣ୍ଡର ଓ ପୌର ପରିଷଦରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଜରୁରୀକାଳୀନ ପରିସ୍ଥିତିର କିଭଳି ମୁକାବିଲା କରାଯିବ ସେନେଇ ସଚେତନ ସୃଷ୍ଟି କରିବା ସହ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ସମସ୍ତ ଦୁର୍ଘଟଣା ସମ୍ଭାବ୍ୟ ସ୍ଥଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ଏହା ସହ ଉପସ୍ଥିତ ବୁଦ୍ଧି ଖଟାଇ କିଭଳି ତତ୍‌କ୍ଷଣାତ ଧନଜୀବନ ରକ୍ଷା କରିବେ ସେନେଇ ତାଲିମ୍ ପ୍ରଦାନ କରିଥିଲେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ। ସହରର ସମସ୍ତ ମଲ୍, ସିନେମା ହଲ୍, ବଡବଡ ସୋରୁମ୍ ମାଲିକ ଓ ପ୍ରତିନିଧି ଉପସ୍ଥିତ ଥିବା ବେଳେ ଅଗ୍ନି ଦାଉରୁ କିପରି ରକ୍ଷା ପାଇ ଉପକୃତ ହୋଇପାରିବେ ସେନେଇ କୁହାଯାଇଥିଲା।



ଆଗାମୀ ଦିନରେ ନିୟମିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅଗ୍ନିଶମ ଅଧିକାରୀ ଧିରେନ୍ଦ୍ର କୁମାର ଦାସ କହିଛନ୍ତି। ଆଜିର ଏହି ସଚେତନତା ଓ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରପରିଷଦର ଉପାଧ୍ୟକ୍ଷ ଲେଙ୍କା ମଧୁଙ୍କ ସମେତ ଯନ୍ତ୍ରୀ ମଧୁସ୍ମିତା ଦାସ, ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

